# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୮ ମସିହା ମାର୍ଚ୍ଚ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ❖ ଧାନ ଗଛ ୩୦ ଦିନର ହୋଇଥିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅଧା ପିଲସାର ଭାବେ (ଅଧିକ ଅମଳକ୍ଷମ ଧାନ ପାଇଁ ୟୁରିଆ ଏକର ପ୍ରତି ୪୨ କି.ଗ୍ରା. ଏବଂ ଶଙ୍କର ଜାତୀୟ ଧାନ ପାଇଁ ଏକର ପ୍ରତି ୫୨ କି.ଗ୍ରା.) ପ୍ରୟୋଗ କରିବା ଉଚିତ୍ ।

- ❖ ଯେଉଁ ସ୍ଥାନରେ ଅଧିକ ମୁଥା ଏବଂ ଚଉଡା ପତ୍ର ଘାସ ଦେଖାଯାଉଥିବ, ସେଠାରେ କ୍ଲୋରିମ୍ୟୁରନ୍ ଇଥାଇଲ୍ ଏବଂ ମେଟ୍ ସଲଫ୍ୟୁରାନ୍ ମିଥାଇଲ୍ (ଆଲମିକ୍ସ) ୨୦% ସେଚିତ ଗୁଣ୍ଡ ୮ ଗ୍ରାମ୍ ପ୍ରତି ଏକର କିମ୍ବା ବେନସଲଫ୍ୟୁରନ୍ ମିଥାଇଲ୍ ୬୦ ଡି.ଏଫ୍ ପ୍ରତି ଏକର ପାଇଁ ୪୦ ଗ୍ରାମ୍ ହିସାବରେ ଓଦା ଜମିରେ ଏକର ପିଛା ୧୨୦ ଲିଟର ପାଣିରେ ଏହି ଔଷଧ ମିଶାଇ ସିଞ୍ଚନ କରନ୍ତୁ । ଘାସମରା ଔଷଧ ପ୍ରୟୋଗର ୨ ଦିନ ପରେ ଜଳସେଚନ କରନ୍ତୁ । ରୁଆ ଧାନର ୨୫-୩୦ ଦିନ ପରେ ସୁଆଁ ଘାସ ହେଲେ ଏକର ପିଛା ଫେନୋକ୍ସାପ୍ରପ୍-ପି-ଇଥାଇଲ୍ ୨୪ ଗ୍ରାମ୍ ସକ୍ରିୟ ଉପାଦାନ ପ୍ରୟୋଗ କରନ୍ତୁ ।

- ❖ ଶ୍ରୀ ପଦ୍ଧତିରେ ଚାଷ ହୋଇଥିବା ଧାନ ଫସଲରେ କୋନୋୱିଡର ସାହାଯ୍ୟରେ ୨୦ ରୁ ୨୫ ଦିନ ପରେ ଘାସ ଦମନ କରନ୍ତୁ ।

- ❖ ଫେରୋମୋନ୍ ଯନ୍ତା ଦ୍ୱାରା ଏହି ପକ୍ଷରେ ହଳଦିଆ କାଣ୍ଡବିନ୍ଧା ପୋକ (ପ୍ରଜାପତି) ଧରନ୍ତୁ ବା ନିରୀକ୍ଷଣ କରନ୍ତୁ । ପ୍ରତି ବର୍ଗମିଟରରେ ଏକ ଅଣ୍ଡାପୁଞ୍ଜ ବା ୧ ରୁ ୨ ଟି ପ୍ରଜାପତି କିମ୍ବା ପ୍ରତିଦିନ ଯନ୍ତାପିଛା ୪ ରୁ ୫ ପୁରୁଷ ପ୍ରଜାପତି କିମ୍ବା ପ୍ରତି ବର୍ଗମିଟରରେ ୧ ରୁ ୨ ଟି ମଞ୍ଜକିଳା ଏହି ପୋକର ଆର୍ଥିକ ଦେହଳୀ ସୀମାରେଖା ଅଟେ । ଏହି ସୀମା ରେଖାରୁ ପୋକ ସଂଖ୍ୟା ଅତିକ୍ରମ କଲେ ଏହାକୁ ଦମନ ପାଇଁ ରାଇନାକ୍ସିପର ୬୦ ମି.ଲି. କିମ୍ବା ଟ୍ରାୟାଜୋଫସ୍(୪୦%) ୫୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୫୦୦ ମି.ଲି. ପ୍ରତି ଏକର ହିସାବରେ ପତ୍ର ସିଞ୍ଚନ କରନ୍ତୁ । ହସ୍ତଚାଳିତ ସ୍ପ୍ରେୟରରେ ପ୍ରତି ଏକର ପିଛା ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

  ଯଦି କେବଳ ମଞ୍ଜକିଳା ଦେଖାଯାଏ ତେବେ ଏକର ପିଛା ଦାନାଦାର ପୋକମରା ଔଷଧ ଯଥା କାର୍ବୋଫ୍ୟୁରାନ୍(୩%) ୧୨ କି.ଗ୍ରା. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍(୪%) ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ❖ ଯେଉଁ ସ୍ଥାନ ମାନଙ୍କରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକ, ପତ୍ରମୋଡା ପୋକମାନଙ୍କର ପ୍ରାର୍ଦୁଭାବ ଅଧିକ ସେଠାରେ ସେମାନଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ଆବଶ୍ୟକ । ସେମାନଙ୍କ ଆର୍ଥିକ ଦେହଳୀ ସୀମା ନିମ୍ନରେ ଦିଆଗଲା

  ପତ୍ରମୋଡା ପୋକ-ପ୍ରତି ବୁଦାରେ ୧ ରୁ ୨ ନଷ୍ଟ ହୋଇଥିବା ପତ୍ର

  ବାଦାମୀ ଗୁଣ୍ଡିପୋକ-ପ୍ରତି ବୁଦାରେ ୫-୧୦ ପୋକ

ଧଳା ପତ୍ରଡିଆଁ ପୋକ-ପ୍ରତି ବୁଦାରେ ୫-୧୦ ଟି ପୋକ

ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ସଂଖ୍ୟାରେ ପୋକ ଦେଖା ଦିଅନ୍ତି, ତେବେ ନିମ୍ନଲିଖିତ ପୋକମରା ଔଷଧ ହେକ୍ଟର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

ପତ୍ରମୋଡା ପୋକ - ଟ୍ରାୟାଜୋଫସ୍ ୪୦ ଇ.ସି.୨୫୦ ମି.ଲି./ଏକର କିମ୍ବା

ଥାୟୋମିଥୋକ୍ସାମ୍ ୨୫ ଡବ୍ଲୁ.ଜି. ୪୦ ଗ୍ରାମ୍/ଏକର

ନିମ୍ବତେଲ ୫ ମି.ଲି ପ୍ରତି ଲିଟର ପାଣିରେ ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ/ ସବୁଜ ପତ୍ରଡିଆଁ ପୋକ-

ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ.ଏଲ ୫୦ ମି.ଲି./ଏକର

ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୪୦ ଗ୍ରାମ୍/ଏକର

ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି./ଏକର

ନିମ୍ବତେଲ ୫ ମି.ଲି ପ୍ରତି ଲିଟର ପାଣିରେ ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

**ବି.ଦ୍ର:** ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକର ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳକୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ପାଣିକୁ ଡେଇଁ ପଡିବେ । ସେଥିରୁ ଆମେ ସେମାନଙ୍କ ସଂଖ୍ୟା ଜାଣିପାରିବା ।

*****